# ଫେବୃୟାରୀ ୧ରେ ଜିଲାସ୍ତରୀୟ ନୂଆ ଓଡ଼ିଶା ଫେଷ୍ଟିଭାଲ

ଢେଙ୍କାନାଳ,୧୧।୧୨(ରତନ ନାୟାର)



ଜିଲାସ୍ତରୀୟ ନୂଆ ଓଡ଼ିଶା ଫେଷ୍ଟିଭାଲ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଯୁବଶକ୍ତିର ବିକାଶ ଲକ୍ଷ୍ୟ ନେଇ ରାଜ୍ୟ ସରକାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା କ୍ରୀଡ଼ା ଓ କଳା ପ୍ରତିଭା ଏବଂ ସାମାଜିକ ଦାୟିତ୍ୱବୋଧର ପ୍ରଚାର ପ୍ରସାର ନିମନ୍ତେ ନୂଆ ଓଡ଼ିଶା ଫେଷ୍ଟିଭାଲ ଆୟୋଜନ କରୁଛନ୍ତି। ଏହି ଉପଲକ୍ଷେ ଆସନ୍ତା ଫେବୃୟାରୀ ୧ରେ ଢେଙ୍କାନାଳ ସହର ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡିଆରେ ଜିଲାସ୍ତରୀୟ ନୂଆ ଓଡ଼ିଶା ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ପାଇଁ ସୋମବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଯୁବ ଉତ୍ସବକୁ ସଫଳ କରାଇ ଜିଲାର ପ୍ରତିଭାବାନ ଯୁବ ଶକ୍ତିର ଉନ୍ମେଷ କରାଇ ରାଜ୍ୟର ସାମଗ୍ରିକ ବିକାଶ ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଯୁବ ଶକ୍ତିର ବିକାଶ ପାଇଁ ବର୍ତ୍ତମାନ ଜିଲାର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ କଳା ନୈପୁଣ୍ୟ, କ୍ରୀଡା ଦକ୍ଷତା ଓ ଅନ୍ୟ ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। କୃତୀ ପ୍ରତିଯୋଗୀମାନେ ଆସନ୍ତା ଫେବୃୟାରୀ ୧ରେ ଢେଙ୍କାନାଳ ପଲ୍ଲିଶ୍ରୀ ମେଳା ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ନୂଆ ଓଡ଼ିଶା ଫେଷ୍ଟିଭାଲରେ ଅଂଶଗ୍ରହଣ କରିବେ। ଏହି ଉତ୍ସବରେ ଜିଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ୧୦ ହଜାର ଛାତ୍ରୀଛାତ୍ର ଯୋଗ ଦେବେ। ଏହି ଉତ୍ସବ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ସୁଯୋଗ ମିଳିବ ବୋଲି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ କହିଥିଲେ। ବୈଠକରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦ, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ପୌର ଦୁର୍ନୀତି ନେଇ ଲୋକାୟୁକ୍ତଙ୍କ ନୋଟିସ

### ଜାନୁୟାରୀ ୨୪ରେ ହାଜର ହେବେ ପୂର୍ବତନ ନିର୍ବାହୀ ଅଧିକାରୀ

ଢେଙ୍କାନାଳ,୧୧।୧୨(ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥାରେ ହୋଇଥିବା ମହାଦୁର୍ନୀତିକୁ ନେଇ ଓଡ଼ିଶା ସୂଚନା ଅଧିକାର କର୍ମୀ ପ୍ରିୟବ୍ରତ ଗଡ଼ନାୟକ ଲୋକାୟୁକ୍ତ ଓଡ଼ିଶା ଭୁବନେଶ୍ୱରଙ୍କ ଠାରେ ଏକ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହି ଦୁର୍ନୀତିରେ ତତ୍କାଳୀନ ଜିଲାପାଳ, ପୌର ନିର୍ବାହୀ ଅଧିକାରୀ ଏବଂ ଅନ୍ୟ ଦୁଇ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଏହି ଅଭିଯୋଗକୁ ଆଧାରକରି ଲୋକାୟୁକ୍ତଙ୍କ ପକ୍ଷରୁ ଆସନ୍ତା ଜାନୁୟାରୀ ୨୪ରେ ତତ୍କାଳୀନ ପୌର ଅଧିକାରୀ, କ୍ୟାଶିୟର ଓ ଦୁର୍ନୀତିରେ ଗିରଫ ହୋଇ ଜେଲ ହାଜତରେ ଥିବା ଅଭିଯୁକ୍ତ ସନ୍ତୋଷ ରାଉଳ ଉପସ୍ଥିତ ହେବା ପାଇଁ ନୋଟିସ ଜାରି କରାଯାଇଛି। ଏହି ଘଟଣାରେ ଭିଜିଲାନ୍ସ ତଦନ୍ତ ଚାଲିଥିବା ବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଘଟଣାର ପ୍ରମୁଖ ଅଭିଯୁକ୍ତ ଦର୍ଶାଇ କର୍ମଚାରୀ ସନ୍ତୋଷ ରାଉଳଙ୍କୁ ଗିରଫ କରି ଜେଲ ହାଜତକୁ ପଠାଯାଇଥିଲା। ଏହି ଘଟଣାରେ ବହୁ ଅଧିକାରୀ ସମ୍ପୃକ୍ତ ଥିବାବେଳେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କାହିଁକି କରା ନ ଯିବ ଦର୍ଶାଇ ସୂଚନା ଅଧିକାର କର୍ମୀ ପ୍ରିୟବ୍ରତ ଲୋକାୟୁକ୍ତ ଓଡ଼ିଶାଙ୍କ ନିକଟରେ ଅଭିଯୋଗ କରିଥିଲେ ବୋଲି ସୂଚନା ଦେଇଛନ୍ତି ।

## ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷା

ଢେଙ୍କାନାଳ,୧୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲାରେ ଓଷ୍ଟା ପକ୍ଷରୁ ମେଧା ଅନ୍ୱେଷଣ ପରୀକ୍ଷା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାର୍ଥୀମାନଙ୍କ ଜ୍ଞାନର ପରିମାପକୁ ଦ୍ୱିଗୁଣିତ କରିବା ପାଇଁ ଓଷ୍ଟା ପକ୍ଷରୁ ଏଭଳି ଉଦ୍ୟମ କରାଯାଇଛି। ଜିଲାର ହିନ୍ଦୋଳ ବ୍ଲକ ରାସୋଳ ସରକାରୀ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ କାନପୁରା, କାମାକ୍ଷାନଗର ଏବଂ ଢେଙ୍କାନାଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଗାନ୍ଧୀ ମନ୍ଦିର ରୋଡଠାରେ ହାଇସ୍କୁଲଗୁଡିକରେ ନବମ ଶ୍ରେଣୀ ଛାତ୍ରୀଛାତ୍ରମାନେ ପରୀକ୍ଷାରେ ଯୋଗଦାନ କରିଥିଲେ। ଜିଲା ଓଷ୍ଟା ସଂଘ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ସମ୍ପାଦକ ବିଭୂତି ସାମଲ ଓ ସଂଘ ମାର୍ଗଦର୍ଶକ ସରୋଜକାନ୍ତ ଦାସ ପ୍ରଶ୍ନପତ୍ର ଉନ୍ମୋଚିତ କରିଥିଲେ। ଭୁବନ ବ୍ଲକ ସମ୍ପାଦକ ସୁରେଶ ଚନ୍ଦ୍ର ପରିଡ଼ା, କାମାକ୍ଷାନଗର ବ୍ଲକ ସମ୍ପାଦକ ଗଜେନ୍ଦ୍ର ନାୟକ ଓ ରାଜ୍ୟ ଓଷ୍ଟା ସଂଘ ଉପସଭାପତି ପ୍ରମୋଦ ସ୍ୱାଇଁ କେନ୍ଦ୍ର ପ୍ରର୍ଯ୍ୟବେକ୍ଷକ ଭାବେ ନିୟୋଜିତ ହୋଇଥିଲେ। ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟ କାନପୁରା ଠାରେ ଶ୍ରୀରାମ ରାଉତ କେନ୍ଦ୍ର ପରିଚାଳନା କରିଥିଲେ। ହିନ୍ଦୋଳରେ ୮୩, କାମାକ୍ଷାନଗର ବ୍ଲକର ୧୩୩ ଓ ଢେଙ୍କାନାଳ ସଦର ମହକୁମାରେ ୧୧୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବ୍ଲକ ସମ୍ପାଦକ ତପନ କୁମାର ସାମଲ ସମସ୍ତ କାର୍ଯ୍ୟର ତତ୍ତ୍ୱାବଧାନ କରିଥିଲେ।



ଓଷ୍ଟା ମେଧା ଅନ୍ୱେଷଣ ପରୀକ୍ଷା ପ୍ରଶ୍ନପତ୍ର ଉନ୍ମୋଚନ କରାଯାଉଛି।

## ଏକତା ବଜାୟ ରଖିବା ପ୍ରଧାନ କର୍ତ୍ତବ୍ୟ

ଢେଙ୍କାନାଳ,୧୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିଳଇ ଆଞ୍ଚଳିକ ଡିଗ୍ରୀ କଲେଜ ପରିସରରେ ଭାରତୀୟ ଭାଷା ଦିବସ ସୋମବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଧରଣୀଧର ବାରିକ ସଭାପତିତ୍ୱ କରି କହିଲେ, ଭାଷାର ବିଭିନ୍ନତା ଭିତରେ ଏକତା ବଜାୟ ରହିବା ଆମର ପ୍ରଧାନ କର୍ତ୍ତବ୍ୟ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ସୁଜିତ କୁମାର ସାମଲ ମାତୃଭାଷା ଓ ଜାତୀୟ ଏକତା ଉପରେ ଆଲୋକପାତ କରିଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ ଶଶଧର ସାହୁଙ୍କ ସମେତ ଅନ୍ତର୍ଯ୍ୟାମୀ ବେହେରା, ଧରଣୀଧର ସେଠୀ, ପରିମିତା ନାୟକ, ଶୁଭଶ୍ରୀ ରାଉତ, ପ୍ରଜ୍ଞା ପାରମିତା ସାହୁ, କ୍ରୀଡ଼ା ଶିକ୍ଷକ ଅନିଲ କୁମାର ପଣ୍ଡାଙ୍କ ସହଯୋଗରେ ଦିବସ ପାଳିତ ହୋଇଥିବା ବେଳେ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଭାରତୀ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଭାରତୀୟ ଭାଷା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

## ଯୌତୁକ ବିରୋଧି ସଚେତନତା ଅଭିଯାନ

ଢେଙ୍କାନାଳ,୧୧।୧୨(ରତନ ନାୟାର)

ଢେଙ୍କାନାଳ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ରାଜ୍ୟ ସରକାରଙ୍କ ନୂଆ ଓଡ଼ିଶା, ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସୋମବାର ଯୌତୁକ ବିରୋଧ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସାମିଲ ହୋଇ ବିଦ୍ୟାଳୟ ପରିସରରୁ ଶୋଭାଯାତ୍ରାରେ ବାହାରି ଟାଉନପ୍ଲାନିଂ ଦୁର୍ଗାମଣ୍ଡପଠାରେ ପହଞ୍ଚି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। କାଉନସିଲର ରୋଜାଲିନ ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଟାଉନପ୍ଲାନିଂ କମିଟି ଉପସଭାପତି ଚିନ୍ମୟ ପୃଷ୍ଟି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ଜ୍ୟୋତିର୍ମୟୀ ନାଥ ପ୍ରମୁଖ ଯୋଗଦେଇ ଯୌତୁକ ବିରୋଧରେ ବାର୍ତ୍ତା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ମାନଗୋବିନ୍ଦ ଗୋଚ୍ଛିଙ୍କ ସଭାପତିତ୍ୱରେ ନୋଡାଲ ଅଧିକାରୀ ଭାବେ ଅକ୍ଷୟ କୁମାର ନାଥ, କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ନାୟକ, ଦୁଃଶାସନ ପ୍ରଧାନ, ସଞ୍ଜୟ କୁମାର ନାୟକ, ଅଜୟ କୁମାର ଦାସ ଓ ମନୋରମା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୌତୁକ ରାକ୍ଷସ ନାମକ ଏକ ନାଟକ ପରିବେଷିତ ହୋଇଥିଲା।




ଯୌତୁକ ବିରୋଧ ସଚେତନତା ଅଭିଯାନରେ ସାମିଲ ହୋଇଥିବା ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ।

## ବାର୍ଷିକ କ୍ରୀଡ଼ାରେ ୮୩୪ ପ୍ରତିଯୋଗୀ

ଢେଙ୍କାନାଳ,୧୧।୧୨(ରତନ ନାୟାର)

ଢେଙ୍କାନାଳ ସହର ସୁନ୍ଦରିଖୋଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଏହି କ୍ରୀଡା ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତି ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ବିଡିଓ ଆୟୁଷୀ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଟାଙ୍ଗିସ୍ଥିତ ଟେଟ୍ରା ହେଡ୍ରନ୍ କଲେଜ ଅଧ୍ୟକ୍ଷ ତ୍ରିଦେବ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ସଭାପତି ବାବୁଚାନ୍ଦ ମହାଲିକ ସଭାପତିତ୍ୱ କରିଥିଲେ। ମୋଟ ୭୦ ପ୍ରତିଯୋଗିତାରେ ୮୩୪ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନଗେନ୍ କୁମାର ଦାସ, ସମ୍ପାଦକ ଗଗନ ବିହାରୀ ନାୟକ, ସହ ପ୍ରଧାନ ଆଚାର୍ଯ୍ୟ କନକଲତା ପ୍ରଧାନ, କ୍ରୀଡା ଆଚାର୍ଯ୍ୟ ଚିନ୍ତାମଣି ନାଥ ପ୍ରମୁଖ ସହଯୋଗ କରିଥିଲେ।



ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଉଛି।

## ଲାଇଫ୍ ଚେଞ୍ଜିଙ୍ଗ ନ୍ୟୁଟ୍ରିଶନ ପକ୍ଷରୁ ରକ୍ତ ସଂଗ୍ରହ



ଲାଇଫ୍ ଚେଞ୍ଜିଙ୍ଗ୍ ନ୍ୟୁଟ୍ରିଶନ ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି।

ଢେଙ୍କାନାଳ,୧୧।୧୨(ରତନ ନାୟାର)

ଢେଙ୍କାନାଳ ଦୁର୍ଗାବଜାର ରାଜବାଟି ନିକଟରେ ଥିବା ଲାଇଫ୍ ଚେଞ୍ଜିଙ୍ଗ ନ୍ୟୁଟ୍ରିଶନ ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ରକ୍ତଦାତା ଅନୁପ୍ରେରକ ସଂଘ ସଭାପତି ଆଇନଜୀବୀ ବିରଞ୍ଚି ନାରାୟଣ ପାଣି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ମୁଖ୍ୟ ପ୍ରଶିକ୍ଷକ ରଞ୍ଜିତ ବିଶାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଯୁବ କ୍ରୀଡାବିତ୍ ସ୍ୱର୍ଗତ ଡିଗଲ୍ ଦାସଙ୍କ ସ୍ମୃତିରେ ଲାଇଫ୍ ଚେଞ୍ଜିଙ୍ଗ ନ୍ୟୁଟ୍ରିଶନର ସଦସ୍ୟ ଓ ରକ୍ତଦାତାମାନେ ରକ୍ତଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ଦେବାଶିଷ ମିଶ୍ର ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ହୋଇଥିବାରୁ ନ୍ୟୁଟ୍ରିଶନ ବା ଖାଦ୍ୟ ଶୃଙ୍ଖଳ ସୁସ୍ଥ ଜୀବନରେ ସହାୟକ ହୋଇପାରିବ ବୋଲି କହିଥିଲେ। ନଗରପାଳ ଜୟନ୍ତୀ ପାତ୍ର, ଉପ ନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ଲିପିକା ଦାସ, ଜିଲା ବିଜେଡି ମହିଳା ସଭାନେତ୍ରୀ ସାଗରିକା ମିଶ୍ର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ, ଭାଜପା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ସାମାଜିକ କର୍ମୀ ରଞ୍ଜନ ନାୟକ, ଛାତ୍ର ବିଜେଡି ଟାଉନ ସଭାପତି ସୋନୁରାମ୍ ସିଂ, ପୂର୍ବତନ କାଉନସିଲର ରମଣି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ବିଜୟ ବେହେରା, ଆକାଶ ବେହେରା, ପ୍ରୀତିରଞ୍ଜନ ସାହୁ, ଅଂଶୁମାନ ଦାସ, ପ୍ରୀତିରଞ୍ଜନ ମହାନ୍ତି, ସୁଜିତ ମହାନ୍ତି, ଗୁରୁପ୍ରସାଦ ପଟ୍ଟନାୟକ, ଅଂଶୁମାନ ଭରଦ୍ୱାଜ, ବିକ୍ରମ ବେହେରା, କୋଚ କୁନିଲତା ବେହେରା, ସସ୍ମିତା ବେହେରା, ଦେବସ୍ମିତା ପଟ୍ଟନାୟକ, ସମରେନ୍ଦ୍ର ମହାନ୍ତି, ସୋନାଲି ପଟ୍ଟନାୟକ, ରୁଦ୍ର ନାରାୟଣ ପଟ୍ଟନାୟକ, ସନ୍ତୋଷ ବେହେରା, ରଶ୍ମିରେଖା ଦାସ, ରଶ୍ମି ମହାନ୍ତି, ଦିଲୀପ କୁମାର ମହାନ୍ତି, ସୁସନ୍ଧ୍ୟା ମହାନ୍ତି, ମଧୁସ୍ମିତା ମିଶ୍ର, ପ୍ରଶାନ୍ତ ମହାନ୍ତି, ସବିତା ମହାନ୍ତି, ମାନସ କୁମାର ରାଉତ, ଅଜିତ କୁମାର ବେହେରା, ସୌରଭ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଅଭିଜିତ ଏବିଭିପି ରାଜ୍ୟ ସମ୍ପାଦକ

ଢେଙ୍କାନାଳ,୧୧।୧୨(ରତନ ନାୟାର)



ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏ ବି ଭି ପି) ଓଡ଼ିଶାର ରାଜ୍ୟ ସମ୍ପାଦକ ଭାବେ ଢେଙ୍କାନାଳର ଅଭିଜିତ ପଟ୍ଟନାୟକ ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ପୁନଃ ନିର୍ବାଚିତ ହୋଇଛନ୍ତି। ଏବିଭିପି ଓଡ଼ିଶା ପ୍ରାନ୍ତ କାର୍ଯ୍ୟାଳୟ ଭୁବନେଶ୍ୱରଠାରୁ ଏହି ଘୋଷଣା କରାଯାଇଛି। ଗତ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ୬୯ତମ ରାଷ୍ଟ୍ରୀୟ ଅଧିବେଶନର ପ୍ରଥମଦିନ ଓଡ଼ିଶା ରାଜ୍ୟ ଅଧିବେଶନରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଏ ନେଇ ଅଭିଜିତ କହିଛନ୍ତି, ତାଙ୍କ ଉପରେ ଭରସା ରଖି ସଙ୍ଗଠନ ବଡ଼ ଦାୟିତ୍ୱ ଦେଇଥିବାରୁ ସେ ସଙ୍ଗଠନ ପ୍ରତି କୃତଜ୍ଞ। ସୂଚନାଯୋଗ୍ୟ, ଅଭିଜିତ ବର୍ତ୍ତମାନ ଆଇନ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷର ଛାତ୍ର। ସେହିପରି ଅଧ୍ୟାପିକା ଗାର୍ଗି ବାନାର୍ଜୀ ଏବିଭିପି ଓଡ଼ିଶାର ରାଜ୍ୟ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

## ସଚେତନ ହେଲେ ବାଲ୍ୟ ବିବାହ ରୋକିହେବ

ଢେଙ୍କାନାଳ,୧୧।୧୨(ରତନ ନାୟାର)

ଢେଙ୍କାନାଳ ସହର ହାଟରୋଡସ୍ଥିତ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବାଲ୍ୟ ବିବାହ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଏହି ସଚେତନତା କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବନ ନିଗମ ପରାମର୍ଶଦାତା ଦେବୀ ପ୍ରସାଦ ଭୂତିଆ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ ରୋକିବାକୁ ହେଲେ କଲେଜସ୍ତରରୁ ଯୁବପିଢିଙ୍କ ମଧ୍ୟରେ ସଚେତନତା ଆବଶ୍ୟକ ରହିଛି। ଯୁବପିଢି ସଜାଗ ହେଲେ ବାଲ୍ୟ ବିବାହ ଅନେକାଂଶରେ ରୋକାଯାଇପାରିବ ବୋଲି କହିଥିଲେ। ଡିଗ୍ରୀ କଲେଜ ଅଧ୍ୟାପିକା ଅଧ୍ୟାପକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରୀଛାତ୍ରମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ବାଲ୍ୟ ବିବାହ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ।

## ନାଗନାଥେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା

ଢେଙ୍କାନାଳ,୧୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଓ ଚାଉଳିଆ ପଞ୍ଚାୟତର ବଡ଼ନାଗେନାସ୍ଥିତ ଉତ୍କଳ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ନିକଟରେ ସୋମବାର ଦ୍ୱିତୀୟ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ନାଗନାଥେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆରିଆ ମଠାଧୀଶ ବାବା ସଦାନନ୍ଦ ଦାସ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ସଦର ବ୍ଲକ ବିଡିଓ ଆୟୁଷୀ ମହାପାତ୍ର, ଆଇପିଏଲ୍ କମ୍ପାନୀର ଡିଜିଏମ୍ ରାଜେଶ କୁମାର ସିଂ, ଏଜିଏମ୍ ଓ ବିସିଏମ୍(କେନ୍)ଙ୍କ ସମେତ ବରିଷ୍ଠ ଆଇନଜୀବୀ ନିର୍ମଳା ମହାପାତ୍ର, ବ୍ରହ୍ମାକୁମାରୀ ଉଷା ଓ ସମିତି ସଭ୍ୟ ଗଙ୍ଗାଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ସୁଦାମ ଚରଣ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ବିକାଶ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶାନ୍ତ ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଶୀଲ କୁମାର ପାଣି ଧନ୍ୟବାଦ ପ୍ରଦାନ କରିଥିଲେ। ଅପରାହ୍ନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।



ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବ୍ରାହ୍ମଣୀ ବନ୍ଦାଣ କରାଯାଉଛି।

## ବିଜେଡି, କଂଗ୍ରେସ ଉପରେ ବର୍ଷିଲା ଭାଜପା

ଢେଙ୍କାନାଳ,୧୧।୧୨
(ରତନ ନାୟାର)

ଅଣଓଡ଼ିଆ ମଦ ବ୍ୟବସାୟୀ ସାହୁ ବ୍ରଦର୍ସ ଶତାଧିକ କୋଟି ଟଙ୍କାର କଳାଧନ ମହଜୁଦ ରଖିବାକୁ ନେଇ ବିଜେଡି ଓ କଂଗ୍ରେସ ଉପରେ ବର୍ଷିଛି ଭାଜପା। ସୋମବାର ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଏ ନେଇ ଭାଜପା ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଥିଲା। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୋଗଦେଇ ଦଳର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି କହିଲେ, ମଦ ବ୍ୟବସାୟୀଙ୍କ ଘରୁ ଏବଂ ଓଡ଼ିଶାରେ ଥିବା ତାଙ୍କର ବିଭିନ୍ନ ବ୍ୟବସାୟ କେନ୍ଦ୍ରରୁ ବହୁ ପରିମାଣର କଳାଟଙ୍କା ଜବତ ହେବା ସାରା ଦେଶ ଓ ରାଜ୍ୟର ଜନସାଧାରଣଙ୍କୁ ଚକିତ କରିଛି। ଏହିସବୁ କଳାଟଙ୍କା ମହଜୁଦ ହେବା ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଅପାରଗତା। ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ରଙ୍କ ସମେତ ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ନିରୋଜ ନଳିନୀ ମହାଲିକ, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ମମତା ସ୍ୱାଇଁ, ଏମ୍‌ଜେ ମହିମା, ରତ୍ନପ୍ରଭା ପଣ୍ଡା, ଦୀପକ ପ୍ରସାଦ ପଟ୍ଟନାୟକ, ରମେଶଚନ୍ଦ୍ର ସାମଲ, ଧ୍ରୁବଚରଣ ସ୍ୱାଇଁ, ଧ୍ରୁବଚରଣ ରାଉତ ଓ ଶତ୍ରୁଘ୍ନ ରାଉତ ଏବଂ ଅମ୍ବିକା ପ୍ରସାଦ ମିଶ୍ର ପ୍ରମୁଖ ଉଦବୋଧନ ଦେଇ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ନିଷ୍କ୍ରିୟତାକୁ ନିନ୍ଦା କରିଥିଲେ। ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ସମେତ ଅବନୀକାନ୍ତ ପଟ୍ଟନାୟକ, ନିରଦ କୁମାର ସାହୁ, ସୂର୍ଯ୍ୟପ୍ରତାପ ରାଉତ, ଲକ୍ଷ୍ମୀପ୍ରିୟା ଦଳେଇ, ମମତା ସାହୁ, ସୁମିତ୍ରା ମଲ୍ଲିକ ପ୍ରମୁଖଙ୍କ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। ଜିଲା କୋଷାଧ୍ୟକ୍ଷ ସଞ୍ଜୀବ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ପ୍ରତିବାଦ ସଭା।

# ଜନ ଶୁଣାଣିରେ ୮୮ ଅଭିଯୋଗ

ଅନୁଗୋଳ,୧୧।୧୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୮୮ ଅଭିଯୋଗରୁ ୮୩ଟି ବ୍ୟକ୍ତିଗତ ଓ ୫ ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡ଼ା ଦାଖଲ ହୋଇଥିବା ୮୮ ଅଭିଯୋଗ ମଧ୍ୟରୁ ୨୭ଟିର ଫଇସଲା ଶିବିରରେ କରାଯାଇଥିଲା। ସେହିପରି ରେଡକ୍ରସ ପାଣ୍ଠିରୁ ୮ଜଣଙ୍କୁ ୪୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ୩୦ ହଜାର ହଜାର ଟଙ୍କା ଲେଖାଏ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଅନୁଗୋଳ, ୧୧।୧୨ (ଅମିତ କୁମାର ସାମଲ)



ରାଜ୍ୟରେ ଥିବା ଜଣେ ଅଣଓଡ଼ିଆ ମଦ ବେପାରୀଙ୍କ ଦେଶୀ ମଦ ଭାଟି ଓ କାର୍ଯ୍ୟାଳୟରୁ ଶତାଧିକ କୋଟି ନଗଦ ଟଙ୍କା ଆୟକର ବିଭାଗ ଜବତ କରିଥିବା ବେଳେ ଏହି କାରବାରରେ ବିଜେଡି ଓ କଂଗ୍ରେସର ସମ୍ପୃକ୍ତି ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଛି ଅନୁଗୋଳ ଭାଜପା। ସୋମବାର ଦଳ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। କଂଗ୍ରେସ ଓ ବିଜେଡି ଭାଇ ଭାଇ ବୋଲି ଭାଜପା ନେତାମାନେ କହିବା ସହ ୨୩ ବର୍ଷର ଶାସନ କାଳରେ ଦେଶୀ ମଦ ଓ ମହୁଲି ମଦର ଲାଇସେନ୍ସ ରିଅକ୍ସନ ହୋଇନାହିଁ ବୋଲି ଅଭିଯୋଗ କରାଯାଇଛି। ଆୟକର ବିଭାଗ ପକ୍ଷରୁ ଏତେ ପରିମାଣର ନଗଦ ଟଙ୍କା ଜବତ ଓଡ଼ିଶା ଇତିହାସରେ ପ୍ରଥମ ଘଟଣା। ଏହା ପଛରେ ବିଜେଡିର ସୁରକ୍ଷା ବ୍ୟବସ୍ଥା ରହିଥିବା ଭାଜପା ପକ୍ଷରୁ କୁହାଯାଇଛି। ତେବେ ମଦ ମାଫିଆଙ୍କ ଯେଉଁଭଳି ଭାବେ ଓଡ଼ିଶାରେ କଳାଟଙ୍କାର ବେପାର ବଢ଼ିଛି ତାହା ପଛରେ ରାଜ୍ୟ ସରକାରଙ୍କ ଅବକାରୀ ନୀତି ଦାୟୀ ବୋଲି ଜିଲା ଭାଜପା ପକ୍ଷରୁ କୁହାଯାଇଛି। ଏହି ବିକ୍ଷୋଭରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ଜିଲା ସମ୍ପାଦକ ପ୍ରଭାତ ପ୍ରଧାନ, ନମିତା ଦଳବେହେରା, ଚୌଧୁରୀ ପ୍ରଧାନ, ପ୍ରସନ୍ନ ନାୟକ, ଶୁଚିସ୍ମିତା ତ୍ରିପାଠୀ, ସରିତା ମିଶ୍ର, କମଳାକାନ୍ତ ସାହୁ, କନ୍ଦର୍ପ ମହାରଣା, ଶରତ ଦାସ, ବିରଞ୍ଚି ସାହୁ, ସୁଧୀର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳଚେର ଭାଜପା ପକ୍ଷରୁ ବରିଷ୍ଠ ନେତା କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ହାଟତୋଟା ବଜାର ମଧ୍ୟରେ ବିକ୍ଷୋଭ ସହ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ରାଜେନ୍ଦ୍ର ସିଂହ, ବିଭୁତି ସାହୁ, ମନୋଜ ପ୍ରଧାନ, ନରେଶ ଚନ୍ଦ୍ର ବେହେରା, ନରେନ୍ଦ୍ର ସାହୁ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେହିପରି ଆଠମଲ୍ଲିକ ନଗର ଓ ବ୍ଲକ ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସଭା କରାଯାଇଥିଲା। ଏଥିରେ ଭାଜପା ନେତା ଭବାନୀ ପ୍ରସାଦ ଜ୍ୟୋତିଷରାୟ, ବିଜୟ ପ୍ରଧାନ, ଡା. ଅଲେଖ ପ୍ରଧାନ, ପିନା ପାଣିଗ୍ରାହୀ, ସଂକୀର୍ତ୍ତନ ମେଣ୍ଢୁଲି, ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ରୋକିବାକୁ ଯତ୍ନବାନ ହୁଅ

ବଇଣ୍ଡା,୧୧।୧୨ (ପରିକ୍ଷିତ ସାହୁ)

ଅନେକ ଅଭିଭାବକ ୧୮ ବର୍ଷରୁ କମ୍ ଝିଅ ଓ ପୁଅଙ୍କୁ ବିବାହ କରିଦେଉଛନ୍ତି। ଏହାକୁ ରୋକା ନ ଗଲେ ଆଗାମୀ ଦିନରେ ବଡ଼ ସମସ୍ୟା ଦେଖାଦେବ। ତେଣୁ ସମସ୍ତେ ସଚେତନ ହୋଇ ବାଲ୍ୟ ବିବାହ ରୋକିବା ଦିଗରେ ଯତ୍ନବାନ ହୁଅନ୍ତୁ ବୋଲି ସୋମବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବାଲ୍ୟ ବିବାହ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି। ଅଧ୍ୟାପକ ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଠାକୁରଗଡ଼ ଥାନା ଆଇଆଇସି ନିର୍ମଳା ଗୋଚ୍ଛାୟତ ଯୋଗଦେଇ ନାରୀ ସୁରକ୍ଷା ଆଇନ ସମ୍ପର୍କରେ ସଚେତନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶ୍ୱଯୁବ କେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଅଧ୍ୟାପକ ସରୋଜ ରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଡ. କଲ୍ୟାଣୀ ରୂପା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱଯୁବକେନ୍ଦ୍ର କାଉନସିଲର ପୂଜା ସ୍ୱାଇଁ, ରମାକାନ୍ତ ସାହୁ ସହଯୋଗ କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ରତ୍ନମୁଦ ଉତ୍ସବ ନିମନ୍ତେ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଅଛନ୍ତି।

ତାଳଚେର,୧୧।୧୨ (ମନୋଜ ନନ୍ଦ)

ତାଳଚେର ବ୍ଲକ ସୋଲଡା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର କମିଟି ସଭାପତି ଜୀବନାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୋଲଡ଼ା ଗ୍ରାମବାସୀ ଯୋଗଦାନ କରିଥିଲେ। ଆସନ୍ତା ୨୧ ତାରିଖରେ କଳସଯାତ୍ରା, ୨୨ରେ ସୂର୍ଯ୍ୟପୂଜା, ବନଯାଗ, ଯଜ୍ଞ କାର୍ଯ୍ୟ ଆଦି ପାରମ୍ପରିକ ବିଧିବିଧାନ ଅନୁଯାୟୀ ସମ୍ପନ୍ନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହିତ ବିଭିନ୍ନ ଗ୍ରାମର ନାମ ସଂକୀର୍ତ୍ତନ ଦଳକୁ ଏହି ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ସାଗର ପ୍ରଧାନ ଜଗନ୍ନାଥ ମନ୍ଦିର ନିର୍ମାଣ ନିମନ୍ତେ ୧୧ ହଜାର ୫୫୫ ଟଙ୍କା ଦାନ କରିଥିଲେ। ଏହି ବୈଠକରେ ସୋଲଡା ଗ୍ରାମ କମିଟି ସଭାପତି ଫିରୋଜ ପ୍ରଧାନ, ସମ୍ପାଦକ ତାପସ ଭୁକ୍ତା, ସୋଲଡା ଟ୍ରକ୍ ମାଲିକ ସଂଘ ସଭାପତି ବିଦ୍ୟାଧର ବେହେରାଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ

ଆଠମଲ୍ଲିକ,୧୧।୧୨ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଏନ୍ଏସି ଅନ୍ତର୍ଗତ ନୂଆସାହି ସ୍ଥିତ ଶିଶୁ ମନ୍ଦିର ପରିସରରେ ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସମ୍ପାଦକ ବୁଲୁ ବୀର ଅତିଥି ଭାବରେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡାର ଉପାଦେୟତା ଉପରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ଦାସ, ବିଶ୍ୱଜିତ ସିଂ ସାମନ୍ତ, ଦେବବ୍ରତ ପ୍ରଧାନ ଓ ଆଚାର୍ଯ୍ୟା ଆଚାର୍ଯ୍ୟା ଉପସ୍ଥିତ ରହି କ୍ରୀଡା ଉତ୍ସବରେ ସହଯୋଗ କରିଥିଲେ। ସମୁଦାୟ ୯୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ।

# କ୍ଷତିଗ୍ରସ୍ତ ମହିଳା ସଂଘ ପକ୍ଷରୁ ଦାବିପତ୍ର

ତାଳଚେର,୧୧।୧୨ (ମନୋଜ ନନ୍ଦ)

ମା’ ହିଙ୍ଗୁଳା ମାଇକ୍ରୋ ଫାଇନାନ୍ସ କ୍ଷତିଗ୍ରସ୍ତ ମହିଳା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆବାହକ ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି, ପରିବାର ଭରଣପୋଷଣ ପାଇଁ ମହିଳାମାନେ ଛୋଟ ଛୋଟ ମାଇକ୍ରୋ ଫାଇନାନ୍ସ କମ୍ପାନୀଙ୍କ ଠାରୁ ଋଣ ନେଇ ଘରୋଇ ବ୍ୟବସାୟରେ ଲଗାଇଛନ୍ତି। କିନ୍ତୁ ଏହି ସଂସ୍ଥାମାନେ ମହିଳାଙ୍କ ଠାରୁ ଉଚ୍ଚ ଦରରେ ସୁଧ ନେଉଛି।



କ୍ଷତିଗ୍ରସ୍ତ ମହିଳା ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ତେଣୁ ଋଣ ଶୁଝିବାରେ ମହିଳାମାନେ ଅସମର୍ଥ ହେଉଛନ୍ତି। ତେଣୁ ତୁରନ୍ତ ଋଣର ସୁଧ ସମ୍ପୂର୍ଣ୍ଣ ଛାଡ଼ ସହ ବକେୟା ଋଣକୁ ଦୀର୍ଘ ମିଆଦି ଭିତିରେ ପରିଶୋଧ ପାଇଁ ବ୍ୟବସ୍ଥା କରାଯାଉ। କରୋନା ସମୟରେ ଆଦାୟ ସୁଧ ଫେରସ୍ତ କରାଯାଉ। ୧୫ ଦିନ ମଧ୍ୟରେ ଦାବିଗୁଡିକ ପୂରଣ କରା ନ ଗଲେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ପ୍ରଧାନ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଭୂତି ସାହୁ, ତୁଷାର କୁମାର ସାହୁ, ପେସ୍କାର ଗଡନାୟକ, ଉଚ୍ଛନ୍ନ ପଟ୍ଟନାୟକ, ପ୍ରକାଶ ମହାରଣା, ଭାଜପା ନେତ୍ରୀ ସୁଫଳା ପୃଷ୍ଟି, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଉର୍ମିଳା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ବଇଣ୍ଡା,୧୧।୧୨ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ରଘୁନାଥପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ବିଦ୍ୟାଳୟ ଓ କ୍ଲଷ୍ଟର ପକ୍ଷରୁ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷକ କର୍ଣ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶୁକ୍ରୁ ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପୁଷ୍ପଜ ବେହେରା, ଅମିନ ସେଠୀ, ପ୍ରଦୀପ ମହାନ୍ତି, ଜଗବନ୍ଧୁ ନାୟକ, ସୁଜନ ବେହେରା, ସାରଙ୍ଗ ସାହୁ, ରମାକାନ୍ତ ବେହେରା, କଳାକାର ପ୍ରଧାନ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଅଶୋକଙ୍କ ଶିକ୍ଷକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ମାନପତ୍ର ଦେଇ ଅଶୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ପରିମଳ ସମ୍ପର୍କରେ ସଚେତନ କଲେ ଛାତ୍ରୀଛାତ୍ର



ଅଙ୍ଗପଡାସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସଚେତନତା ଶୋଭାଯାତ୍ରା।

ବଇଣ୍ଡା,୧୧।୧୨ (ପରିକ୍ଷିତ ସାହୁ)

ଗ୍ରାମ କିଭଳି ପରିଷ୍କାର ରହିବ ତାହା ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଅଞ୍ଚଳବାସୀ ଏଥିରେ ସହଯୋଗ କଲେ ପରିବେଶ ସୁରକ୍ଷିତ ରହିବ। କିଶୋରନଗର ବ୍ଲକ ଅଙ୍ଗପଡାସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଘାଟନ ଓ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କଲେଜ ଅଧ୍ୟକ୍ଷ ବଳରାମ ପ୍ରଧାନ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଭବାନୀ ଶଙ୍କର ପ୍ରଧାନ, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଜ୍ଞାନେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ କୁମାର ପ୍ରଧାନ, କ୍ରିଷ୍ଣାରାଣୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଶୁତୋଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ଠାରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଅଙ୍ଗପଡା ଅଞ୍ଚଳରେ ସଫେଇ କରିବା ସହ ମଦ ମୁକ୍ତ ସମ୍ପର୍କରେ ପରାମର୍ଶ ଦେଇଥିଲେ।

# ମନ୍ଦିର ପରିସର ସଫେଇ

ଖମାର,୧୧।୧୨ (ରଜନୀକାନ୍ତ ମହାରଣା)

ପାଲଲହଡ଼ା ବ୍ଲକ ଖମାର ସୁଲିଆ ବଜାର ୱେଲଫେୟାର ଆସୋସିଏଶନ ପକ୍ଷରୁ ଆଞ୍ଚଳିକ ଜଗନ୍ନାଥ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଇନ୍ଦ୍ରମଣି ସାହୁ ଓ ସରୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବଣିକ ସଂଘ ସମ୍ପାଦକ ଫଣିଭୂଷଣ ବିଶ୍ୱାଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସକାଳ ୬ ରୁ ୯ଟା ପର୍ଯ୍ୟନ୍ତ ସଂଘ କର୍ମକର୍ତ୍ତାମାନେ ଶ୍ରମଦାନ କରି ସଫେଇ କାର୍ଯ୍ୟ କରିଥିଲେ। ଆଗାମୀ ଦିନରେ ମେଡିକାଲ, କଲେଜ, ହାଇସ୍କୁଲ, ରାସ୍ତାର ଉଭୟ ପାର୍ଶ୍ୱ ସଫେଇ କରାଯିବା ସହିତ ଆସନ୍ତା ୧୭ ତାରିଖ ରବିବାର ଆସୋସିଏସନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଖମାର ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଫଣିଭୂଷଣ ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମରେ ବଣିକ ସଂଘ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



# ବିଗ୍ରହ ପ୍ରତିଷ୍ଠା, ମଣ୍ଡପ ଉଦ୍‌ଘାଟିତ

ଛେଣ୍ଡିପଦା, ୧୧।୧୨(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ାସ୍ଥିତ ନବନିର୍ମିତ ରାଧାକୃଷ୍ଣ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ମହାଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ମିନକେତନ ମିଶ୍ର, ସୁବାସ ଚନ୍ଦ୍ର ନନ୍ଦ ଓ ମନୋଜ ଶତପଥୀ ଯଜ୍ଞ କାର୍ଯ୍ୟ ସମ୍ପାଦନ ସହିତ ମନ୍ଦିର ପ୍ରତିଷ୍ଠା କରି ନୂତନ ବିଗ୍ରହ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ରସାନନ୍ଦ ସାହୁ ଓ ରେବତୀ ସାହୁ ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ଗ୍ରାମର ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇ ନାମ ପରିବେଷଣ କରିଥିଲେ। ଏହି ଅବସରରେ ରାଧାକୃଷ୍ଣ ମଣ୍ଡପ ଉଦ୍‌ଘାଟିତ ହୋଇଥିଲା। ଗ୍ରାମ ସଭାପତି ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଓ ସଦସ୍ୟା ଭାନୁପ୍ରୀୟା ପ୍ରଧାନ, ସାମାଜିକ କର୍ମୀ ଶରତ ଗଡ଼ନାୟକ, ଜରପଡା ସରପଞ୍ଚ ବିଦେଶୀ ବେହେରା ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗ୍ରାମ କମିଟି ସମ୍ପାଦକ ନିର୍ମଳ ସାହୁ, ଉପସଭାପତି ଲମ୍ବୋଦର ସାହୁ, ସ୍ୱାଧୀନ କୁମାର ସାହୁ, ଉପଦେଷ୍ଟା ବିଭୂତି ଭୂଷଣ ପ୍ରଧାନ, ବାନାମ୍ବର ସାହୁ, ଅନ୍ତର୍ଯ୍ୟାମୀ ବେହେରା ନାରାୟଣ ସାହୁ, ମନ୍ଦିର ପୂଜକ ରମେଶ ଚନ୍ଦ୍ର ଦାସଙ୍କ ସମେତ ଗ୍ରାମ୍ୟ କମିଟି ସଦସ୍ୟ ସହଯୋଗ କରିଥିଲେ।



ମନ୍ଦିର ପରିସରରେ ରାଧାକୃଷ୍ଣ ମଣ୍ଡପକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

# ମେଡିକାଲ କଲେଜ ଶୀଘ୍ର କାର୍ଯ୍ୟକ୍ଷମ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାଜପାର ଦାବିପତ୍ର

ତାଳଚେର,୧୧।୧୨ (ମନୋଜ ନନ୍ଦ)

ତାଳଚେରରେ ମେଡିକାଲ କଲେଜ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ସୋମବାର ଭାଜପା ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ ନେତା କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ଏ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏକ ବିକ୍ଷୋଭ ସଭାରେ ବରିଷ୍ଠ ନେତା ସାମଲ କହିଥିଲେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ କେନ୍ଦ୍ର ସରକାର ତାଳଚେରରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୩୩୦ ବେଡ୍‌ର ହସ୍ପିଟାଲ ପାଇଁ ୫୦୦ କୋଟି, ମେଡିକାଲ କଲେଜ ବିଲଡିଂ ପାଇଁ ୫୦୦ କୋଟି ଏବଂ ମେଡିକାଲ ପରିଚାଳନା ପାଇଁ ୬୨୮ କୋଟିକୁ ମିଶାଇ ମୋଟ ୧୬୨୮ କୋଟି ଟଙ୍କାର ବ୍ୟବସ୍ଥା କରାଇଲେ। କିନ୍ତୁ ରାଜ୍ୟ ସରକାର ୫ ବର୍ଷ ବିତିଯାଇଥିଲେ ମଧ୍ୟ ମେଡିକାଲ କଲେଜ କରାଇ ଦେଉନାହାନ୍ତି। କିଛି ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ମେଡିକାଲ କଲେଜ ବଦଳରେ ପବିତ୍ର ମୋହନ ହସ୍ପିଟାଲ ଉଦ୍‌ଘାଟନ କରିଛନ୍ତି। ତେଣୁ ତୁରନ୍ତ ମେଡିକାଲ କଲେଜ କାର୍ଯ୍ୟକାରୀ ନ କଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସାମଲ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଯଯାତି ପଟ୍ଟନାୟକ, ପ୍ରକାଶ ମହାରଣା, ପର୍ଶୁରାମ ବାରିକ, ରାଜେନ୍ଦ୍ର ସିଂହ, ଶୋଭାଗିନୀ ପ୍ରଧାନ, ପ୍ରଶାନ୍ତ ନନ୍ଦ, ବିଭୂତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

